## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

**କୁଆମରା,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଅନ୍ତର୍ଗତ ବାଲିବିଲ ଗ୍ରାମର ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶିବାନ ମୁର୍ମୁଙ୍କ ସ୍ତ୍ରୀ ସୁମି (୨୮)। ଏ ନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୩/୨୨) ରୁଜୁ ହୋଇଛି। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇନି।



## ଆଜି କ'ଣ କେଉଁଠି

ଭଦ୍ରକ

- ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଧାମନଗର ଶହୀଦନଗର ସ୍କୁଲ, ସମୟ: ସକାଳ ୧୦ଟା।
- ଜିଲାସ୍ତରୀୟ ନନ୍ଦ ଉତ୍ସବ ସମାରୋହ, ସ୍ଥାନ: ବାସୁଦେବପୁର ଯାଦବ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ୩ ଦିନ ପରେ ନଦୀରୁ ମିଳିଲା ମୃତଦେହ

ବୈଶିଙ୍ଗା,୨୫।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ମେର୍ଦ୍ଦା ପଞ୍ଚାୟତ ଅଧୀନ କୁସୁମପୁରା ଗ୍ରାମର ମନ୍ମଥ ମୁର୍ମୁ ବାଉଁଶ ନଦୀରେ ଭାସି ଯାଇଥିଲେ। ୩ ଦିନ ପରେ ଗୁରୁବାର ନଦୀରୁ ତାଙ୍କ ମୃତଦେହ ମିଳିଛି। ଗତ ୨୩ତାରିଖ ଅପରାହ୍ନରେ ମାଛ ଧରୁଥିବା ବେଳେ ବନ୍ୟା ସ୍ରୋତରେ ସେ ଭାସି ଯାଇଥିଲେ। ଦୁଇଦିନ ଧରି ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି କରିଥିଲେ ହେଁ ତାଙ୍କର ସନ୍ଧାନ ମିଳି ନ ଥିଲା। ଗୁରୁବାର ମଧ୍ୟାହ୍ନରେ କିଛି ଦୂରରେ ଥିବା ଏକ ବୁଦା ମୂଳରେ ମୃତଦେହ ଲାଗି ରହିଥିବା ଦେଖି ଗ୍ରାମବାସୀ ବୈଶିଙ୍ଗା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର

ବଡ଼ସାହି,୨୫।୮- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ଜନୈକା ଦିବ୍ୟାଙ୍ଗ ନାବାଳିକାଙ୍କୁ ବୁଧବାର ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଖେଲା ମାରାଣ୍ଡି। ଏନେଇ ଥାନାରେ ମାମଲା(ନଂ.୨୪୧/୨୨) ରୁଜୁ ହୋଇଛି। ଘରେ କେହି ନ ଥିବା ସୁଯୋଗରେ ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଶ୍ରାଦ୍ଧବାର୍ଷିକୀରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ଭଦ୍ରକ ଅଫିସ, ୨୫।୮ -ଭଦ୍ରକ ସଦର ବ୍ଲକ କଲେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ହୃଦାନନ୍ଦ ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ବୁଧବାର ତାଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। କଲେଇ-ବଳଭଦ୍ରପୁରସ୍ଥିତ କପାଳୀ ନଦୀକୂଳରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦ ସଭ୍ୟ ମଳୟ ଜେନା, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାମଞ୍ଜରୀ ରାଉତ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହାପରେ ରାଧାମାଧବଜୀଉ ମନ୍ଦିର ପରିସରରେ ସ୍ମୃତି କମିଟି ସଭାପତି ପ୍ରମୋଦ ରାୟଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ହୋଇଥିଲା। ଏମ୍‌ପି, ବିଧାୟକ, ଜିଲାପାଳ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା, ପ୍ରଧାନଶିକ୍ଷକ ଭୀମଚରଣ ପରିଡ଼ା, ସରପଞ୍ଚ ନିରଞ୍ଜନ ମଳିକ, ଯୁବନେତା ତାପସ ରାୟ, ଅଭିରାମ ସାହୁ, ତୁଷାରକାନ୍ତି ପରିଡା, ସୁନୀଲ ଲେଙ୍କା, ଜଗବନ୍ଧୁ ଦାସ, ଶିକ୍ଷାବିତ୍ ନିତ୍ୟାନନ୍ଦ ମଳିକ, ଶଙ୍କର୍ଷଣ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କମିଟି ପକ୍ଷରୁ ସ୍ୱର୍ଗତ ରାଉତଙ୍କ ଉଦ୍ଦେଶ୍ୟରେ 'ଏ ମାଟିର ଗାନ୍ଧୀ' ସ୍ମୃତିପତ୍ର ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା। ମାନସ କୁମାର ରାଉତ, ପ୍ରକାଶ କୁମାର ରାଉତ ଓ ଆଶିଷ କୁମାର ରାଉତ ପରିଚାଳନା କରିଥିଲେ। ଶିକ୍ଷାବିତ୍ ବାବୁଲା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତଜନିତ ମୃତ୍ୟୁକୁ ଶୂନ୍ୟ କରିବା ଲକ୍ଷ୍ୟ

### ଏଫଏମ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ କର୍ମଶାଳା

ବାଲେଶ୍ୱର ଅଫିସ, ୨୫।୮

ବାଲେଶ୍ୱର ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ସ୍ନାତକୋତ୍ତର ଭୂଗୋଳ ବିଭାଗ, ସିଆର୍‌ଓପିସି (କ୍ଲାଇମେଟ୍ ରିଜିଲିଏଣ୍ଟ ଅବଜରଭିଙ୍ଗ ସିଷ୍ଟମ୍ ପ୍ରମୋସନ୍ କାଉନସିଲ୍), ଆଇଏମ୍‌ଡି (ଇଣ୍ଡିଆନ୍ ମେଟ୍ରୋଲୋଜିକାଲ ଡିପାର୍ଟମେଣ୍ଟ), ଏମ୍‌ଓଇଏସ୍ (ମିନିଷ୍ଟ୍ରି ଅଫ୍ ଆର୍ଥ ସାଇନ୍ସ)ର ମିଳିତ ଆନୁକୂଲ୍ୟରେ 'ବଜ୍ରପାତ ସୁରକ୍ଷିତ ଅଭିଯାନ' ସମ୍ପର୍କରେ ଦୁଇ ଦିନିଆ ଜାତୀୟସ୍ତରର କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ପରିପ୍ରେକ୍ଷୀରେ ଭୂଗୋଳ ବିଭାଗ ଅଧ୍ୟାପକ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତଦେଇ ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁକୁ ଶୂନ୍ୟ କରିବାର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ମୁନେଶ ଚନ୍ଦ୍ର ଅଧିକାରୀ ସ୍ୱାଗତଭାଷଣ ଦେଇଥିଲେ। ସିଆର୍‌ଓପିସି, ନୂଆଦିଲ୍ଲୀର ଅଧ୍ୟକ୍ଷ କର୍ଣ୍ଣେଲ ସଞ୍ଜୟ ଶ୍ରୀବାସ୍ତବ ଯୋଗଦେଇ ଏପରି କର୍ମଶାଳା ଓ ପଦକ୍ଷେପ ଗ୍ରାମୀଣ ଅଞ୍ଚଳର ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇପାରିବ ବୋଲି କହିଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

ଭାରତୀୟ ପାଣିପାଗ ବିଭାଗର ପୂର୍ବତନ ଡିଜି କେଜେ ରମେଶ ଭାରତବର୍ଷରେ ବଜ୍ରପାତ ସୁରକ୍ଷିତ ଅଭିଯାନର ବିଭିନ୍ନ ଦିଗ ସମ୍ପର୍କରେ ମତ ଦେଇଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କର୍ମଶାଳାର ନିଷ୍କର୍ଷ ଓ ସିଦ୍ଧାନ୍ତ ସାମାଜିକ ଜନଜୀବନରେ ବାସ୍ତବାୟିତ କରିବାର ଭୂମିକା ଗ୍ରହଣ କରିବ ବୋଲି ମତ ଦେଇଥିଲେ। ସାମାଜିକ କର୍ମୀ ପ୍ରଭାତ କୁମାର ବିଶ୍ୱାଳ ଯୋଗଦେଇ ଓଡ଼ିଶାରେ ସାଧାରଣତଃ ବଜ୍ରପାତଜନିତ ମୃତ୍ୟୁ ବୃଦ୍ଧି ପାଉଛି। ବିଜ୍ଞାନର ବିଜୁଳି ସମ୍ବନ୍ଧୀୟ ପଦ୍ଧତି ଶୃଙ୍ଖଳାକୁ ଅନୁସରଣ କରି ଲୋକେ ବଜ୍ରପାତରୁ ସୁରକ୍ଷିତ ରହିପାରିବେ ବୋଲି ମତ ଦେଇଥିଲେ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ନିକଟ ଭବିଷ୍ୟତରେ ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲାରେ ଏହି ଧରଣର କର୍ମଶାଳା ଆୟୋଜନ କରିବାର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଭାସୀ ମାଧ୍ୟମରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ବଜ୍ରପାତ ପରି ପ୍ରାକୃତିକ ଆପଦଠାରୁ ସଚେତନ ରହି ନିଜକୁ ରକ୍ଷା କରିବାରେ ଭାରତୀୟ ପାଣିପାଗ ବିଭାଗର ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିରେ ମୟୂରଭଞ୍ଜ ଓ ବାଲେଶ୍ୱରର ବିଭିନ୍ନ ଗ୍ରାମାଞ୍ଚଳରୁ ହାରାହାରି ୫ଶହ କୃଷକ ଓ ସାଧାରଣ ଲୋକ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ପର୍ବରେ ଡ. ନିହାର ରଞ୍ଜନ ରାଉତ ସଂଯୋଜନା କରିଥିବା ବେଳେ ଡ. ରବିନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ଟେକ୍ନିକାଲ୍ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ଓଡ଼ିଶା ଓ ଓଡ଼ିଶା ବାହାରୁ ବୈଜ୍ଞାନିକ ତଥା ବିଷୟ ବିଶାରଦୀବୃନ୍ଦ ଯୋଗଦେଇ ନିଜର ଗବେଷଣାତ୍ମକ ତଥ୍ୟ ପରିବେଷଣ ଜରିଆରେ ଲୋକଙ୍କୁ ବଜ୍ରପାତ ସମ୍ବନ୍ଧୀୟ ଧାରଣା ଦେଇଥିଲେ। ଡ. ସୋମା ସେନ୍ ରାୟ, ଜଜ୍ ମାଥିଉ, ଭିଏସ୍ ପ୍ରକାଶ, କମଳେଶ୍ ସୁନ୍ଦର୍, ଏମ୍‌ସ ଭୁବନେଶ୍ୱରର ଡା. ଏମ୍‌ସି ସାହୁ, କନିକା ବସ୍, ଓସ୍‌ଡିଏମ୍‌ଏ ଡା. ରାକେଶ ଠାକୁର ପ୍ରମୁଖ ବିଷୟ ବିଶେଷଜ୍ଞ ଏହି ପରିପ୍ରେକ୍ଷୀରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ।

## ମାର୍କେଟ କମ୍ପ୍ଲେକ୍ସରୁ ଜବରଦଖଲ ଉଚ୍ଛେଦ

ଭଣ୍ଡାରିପୋଖରୀ, ୨୫।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡଠାରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସରକାରଙ୍କ ସିଏଫ୍‌ସି ଓ ଏସ୍‌ଏଫ୍‌ସି ପାଣ୍ଠିରୁ ଏଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ବେଳେ କେତେଜଣ ବ୍ୟକ୍ତି ଏହାକୁ ଜବରଦଖଲ କରି ବ୍ୟବସାୟ କରିଆସୁଥିଲେ। ଏନେଇ ପ୍ରଶାସନ ପକ୍ଷରୁ ଦୁଇ ଦୁଇଥର ମୌଖିକ ଓ ମାଇକ୍ ପ୍ରଚାର ମାଧ୍ୟମରେ ମାର୍କେଟ କମ୍ପ୍ଲେକ୍ସ ଛାଡ଼ିବାକୁ କୁହାଯାଇଥିଲା। ସରକାରୀ ନୀତିନିୟମ ଆଧାରରେ ପଞ୍ଚାୟତ ଏହାକୁ ନିଲାମ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ପ୍ରଶାସନ ପକ୍ଷରୁ ଗୁରୁବାର ଜବରଦଖଲ ହଟାଯାଇଛି। ତହସିଲଦାର ତଥା ମାଜିଷ୍ଟ୍ରେଟ ସରୋଜକାନ୍ତ ନାୟକଙ୍କ ଉପସ୍ଥିତିରେ ଗୃହଗୁଡ଼ିକୁ ଜବରଦଖଲ ମୁକ୍ତ କରାଯାଇଥିଲା। ବିଡିଓ ଦେବଦତ୍ତ ଦାସ, ଥାନାଧିକାରୀ ଅମିତାଭ ଦାସଙ୍କ ସହ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅନ୍ୟପକ୍ଷେ ବେଆଇନ ଭାବେ ଜବରଦଖଲ ଉଚ୍ଛେଦ କରାଯାଇଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି।


ଜବରଦଖଲ ଉଚ୍ଛେଦ ବେଳେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ମୟୂରଭଞ୍ଜରେ ଡେଙ୍ଗୁ ଆତଙ୍କ

ବାରିପଦା ଅଫିସ,୨୫।୮

ମୟୂରଭଞ୍ଜ ଜିଲାରେ ଡେଙ୍ଗୁ ଜ୍ୱର ବ୍ୟାପିବା ଆରମ୍ଭ ହୋଇଛି। ବାରିପଦା ପିଆର୍‌ଏମ୍ ମେଡିକାଲରେ କୌଣସି ରୋଗୀ ନ ଥିବା ବେଳେ ୩ଜଣଙ୍କ ରକ୍ତ ନମୁନା ପରୀକ୍ଷା ପରେ ଭୁବନେଶ୍ୱରଠାରେ ସେମାନଙ୍କୁ ଚିହ୍ନଟ କରାଯାଇଛି। ଜିଲାର ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବେଲପାଳ ଗ୍ରାମର ଜନୈକା ମହିଳା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି। ତାଙ୍କୁ ପ୍ରବଳ ଜ୍ୱର ହେବାରୁ ଔଷଧ ଖାଇବା ପରେ ଶରୀରରେ ନାଲି ଦାଗ ଦେଖାଯାଇଥିଲା। ଜ୍ୱର ନ ଛାଡ଼ିବାରୁ ପରିବାର ଲୋକେ ଭୁବନେଶ୍ୱରକୁ ନେଇଯାଇଥିଲେ। ସେଠାରେ ରକ୍ତ ପରୀକ୍ଷା କରିବା ପରେ ସେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନ୍ୟ କେତେଜଣ କଟକ ଓ ଭୁବନେଶ୍ୱର ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ବନ୍ୟା ପ୍ଲାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାବାସୀ ଦାବି କରିଛନ୍ତି।

# ବିଧାୟକ-ମହିଳା ଗୋଷ୍ଠୀ ମୁହାଁମୁହିଁ

### ପୌର କାର୍ଯ୍ୟାଳୟ ଘେରାଉ


ବିଧାୟକଙ୍କ ବିରୋଧରେ ଥାନାରେ ଅଭିଯୋଗ କରୁଛନ୍ତି ଏସ୍‌ଏଚ୍‌ଜି ମହିଳା।

ଆନନ୍ଦପୁର,୨୫।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦରେ ଗୁରୁବାର ଏସ୍‌ଏଚ୍‌ଜିଙ୍କ ଦ୍ୱାରା ପୌର କାର୍ଯ୍ୟାଳୟ ଘେରାଉ ହୋଇଛି। ଆନନ୍ଦପୁର ବିଧାୟକ ଓ ଫକୀରପୁର ୧୦ ନଂ ୱାର୍ଡ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଫକୀରପୁର ୧୦ନଂ ୱାର୍ଡର ବାବା ବାଲୁଙ୍କେଶ୍ୱର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ଚିନ୍ମୟୀ ନାଥ ଆନନ୍ଦପୁର ବିଧାୟକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଉଲ୍ଲେଖ ଅଛି ଯେ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ୧୦ ନଂ ୱାର୍ଡରେ ଏକ ମିଶନ ଶକ୍ତି ଗୃହ ଦାବିରେ ଅଭିଯୋଗ ପତ୍ର ପୌରଅଧିକାରୀଙ୍କୁ ଦେବାକୁ ଆସିଥିବା ସମୟରେ ବିଧାୟକ ସେଠୀ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ସର୍ବସାଧାରଣ ସ୍ଥାନରେ ମହିଳାମାନେ ଅସମ୍ମାନିତ ହୋଇଥିବାରୁ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ଅଭିଯୋଗକାରିଣୀ ଚିନ୍ମୟୀ ପ୍ରକାଶ କରିଛନ୍ତି। ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଏହି ଅଭିଯୋଗକୁ ଖଣ୍ଡନ କରିଥିବାବେଳେ ତାଙ୍କର କାହା ସହିତ କୌଣସି ପାଟିତୁଣ୍ଡ ହୋଇ ନ ଥିବା କହିଛନ୍ତି। ଏସ୍‌ଏଚ୍‌ଜି ଗ୍ରୁପକୁ ପଞ୍ଜୀକୃତ କରାଇ କୋଡ ନମ୍ବର ସଂଗ୍ରହ କରିବା ସହିତ ଏଏଲଏଫ ତାଲିକାରେ ସାମିଲ ହୋଇ ଠିକ୍ କାଗଜପତ୍ର ଦାଖଲ କରିବା ପରେ ଉନ୍ନୟନ ମୂଳକ କାର୍ଯ୍ୟରେ ସାମିଲ କରାଯିବାର ନିୟମ ରହିଛି। ଏସ୍‌ଏଚଜି ଘର ପାଇଁ ଜାଗା ଠିକ୍ କରି ତହସିଲ ଦ୍ୱାରା ଚିହ୍ନଟ ପରେ ଏମଏଲଏ ଲ୍ୟାଡରୁ ୫ ଲକ୍ଷ ଟଙ୍କାର ସହାୟତା ଦିଆଯିବ ବୋଲି ମଧ୍ୟ ବିଧାୟକ କହିଛନ୍ତି। ଆନନ୍ଦପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ପଚାରାଯିବାରୁ ଅଭିଯୋଗ ହୋଇଥିବା ସ୍ୱୀକାର କରିବା ସହିତ ଘଟଣାର ତଦନ୍ତ କରାଯାଇ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ମହିଳାମାନଙ୍କୁ ବିଧାୟକ ଗାଳିଗୁଲଜ କରିଥିବା ଓ ପାଟି କରିଥିବା କଥା ଅଭିଯୋଗରେ ଦର୍ଶାଯାଇଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ନଭେମ୍ବର ୨୦ରୁ 'ମୟୂରଭଞ୍ଜ ମହୋତ୍ସବ'

ବାରିପଦା ଅଫିସ,୨୫।୮

ଆସନ୍ତା ନଭେମ୍ବର ୨୦ରୁ ୨୭ ତାରିଖ ଯାଏ ପଞ୍ଚମ 'ମୟୂରଭଞ୍ଜ ମହୋତ୍ସବ' ଅନୁଷ୍ଠିତ ହେବ। ଏ ନେଇ ବୁଧବାର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଦିନରେ କାର୍ନିଭାଲ ଶୋ', ଦ୍ୱିତୀୟ ଦିନରେ ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରା ଏବଂ ଗୋଟିଏ ଦିନ କୁଡୁମାଲୀ କଳା, ସଂସ୍କୃତି ପରମ୍ପରା ନେଇ ଦୁଲୁକିବ ମଞ୍ଚ। ଅନ୍ୟ ୪ଦିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏ ନେଇ ଏକ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। ଏଥିରେ ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଉପସଭାପତି ଭାବେ ସଞ୍ଜୟ ଚୌଧୁରୀ, ଶୁଭେନ୍ଦୁ ମହାନ୍ତି, ସୁଜିତ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ଭାବେ ତାପସ ସରଗରିଆ, ସୌମ୍ୟରଞ୍ଜନ ପଟ୍ଟନାୟକ, ଅମିତାଭ ସାହୁ, ସଞ୍ଜୟ ଆଗ୍ରୱାଲ, ସମ୍ପାଦକ ଭାବେ ଦକ୍ଷିଣା ମହାନ୍ତ, ଇଂ. ରମଜାନ ବେଗ, କାର୍ଯ୍ୟକ୍ରମ ସଂଯୋଜକ ଭାବେ ମାନସ ପତି, କୁମାରେଶ ନାୟକ ପ୍ରମୁଖ ମନୋନୀତ ହୋଇଥିବା ମହୋତ୍ସବ କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ମହୋତ୍ସବ ଆୟୋଜକ କମିଟି ସଭାପତି ଅସିତ ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସଞ୍ଜୀବ ଦ୍ୱିବେଦୀ, ଉମେଶ ପଟ୍ଟନାୟକ, ବିପ୍ଳବ ବାରିକ, ବିପ୍ଳବ ବୁଗୁଡେଇ, ତାପସ ପାଢ଼ୀ, ଶୁଭେନ୍ଦୁ ସାହୁ, ଅସିତ ଗିରି,ଉମେଶ ସାହୁ,ସତ୍ୟ ସ୍ୱରୂପ ଦାଶ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ସାରକୋଣା ରୂପାନ୍ତରଣ ସ୍କୁଲ ଭୂମିପୂଜା କଲେ ବିଧାୟକ


ସାରକୋଣା ୫-ଟି ହାଇସ୍କୁଲର ଭୂମିପୂଜନ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

ଖଇରା, ୨୫।୮(ଡି.ଏନ.ଏ.)

ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୁଧବାର ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଗସ୍ତ କରି ସାରକୋଣା ୫-ଟି ରୂପାନ୍ତରଣ ହାଇସ୍କୁଲର ଶିଳାନ୍ୟାସ କରିବା ସହ ବରିଷ୍ଠମାନଙ୍କ ଘରକୁ ଯାଇ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରଥମେ ସାରକୋଣା ରୂପାନ୍ତରଣ ସ୍କୁଲର ଭୂମିପୂଜା କରିଥିଲେ । ପ୍ରଧାନ ଶିକ୍ଷକ ଭାଗିରଥି ଖଟୁଆ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ବ୍ଲକ ସହକାରୀ ଯନ୍ତ୍ରୀ ସୌମ୍ୟମୁକୁଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବର୍ଷା ଯୋଗୁ ପଞ୍ଚାୟତର ବରିଷ୍ଠ ନାଗରିକମାନେ ଗୋଟିଏ ସ୍ଥାନକୁ ଆସିବା ସମ୍ଭବ ନ ଥିବାରୁ ବିଧାୟକ ନିଜେ ଅମାରଗଡିଆ, ମୁକ୍ତାବେଗୁନିଆ, ଝିଙ୍କିରିଆ ଓ ସାରକୋଣା ଆଦି ଗ୍ରାମକୁ ଯାଇ ବରିଷ୍ଠମାନଙ୍କୁ ଉତ୍ତରୀୟ ଦେଇ ସେମାନଙ୍କଠାରୁ ପରାମର୍ଶ ଗ୍ରହଣ କରିଥିଲେ। ସେହିଭଳି ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଶିଳାନ୍ୟାସ କରାଯାଇଥିଲା ।

# ରୂପାନ୍ତରିତ ବିଦ୍ୟାଳୟରୁ ପୁଣି ଚୋରି

### ରାତ୍ରଜଗୁଆଳି ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

ପଦ୍ମପୁର, ୨୫।୮(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୫-ଟି ରୂପାନ୍ତରିତ ଏଡ଼ତାଳ ଭାସ୍କର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ପୁଣି ଚୋରି ହୋଇଛି। ଦୁର୍ବୃତ୍ତମାନେ ଇ-କ୍ଲାସରୁମ୍‌ର ତାଲା ଭାଙ୍ଗି ୪ କମ୍ପ୍ୟୁଟର ଓ ସିସିଟିଭି ମେଶିନ ଚୋରି କରି ନେଇଯାଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଏ ସମ୍ପର୍କରେ ଜାଣିବା ପରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ରାତ୍ରଜଗୁଆଳି ନିଯୁକ୍ତି ଦାବିରେ ଫାଟକ ଆଗରେ ଧାରଣା ଦେଇଥିଲେ। ଖବର ପାଇ ସିଆର୍‌ସିସି ପ୍ରଣୟ କୁମାର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଞ୍ଜ କିଶୋର ନାୟକ ଓ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରି ଶ୍ରେଣୀଗୃହକୁ ନେଇଥିଲେ। ଚୋରି ନେଇ ପ୍ରଧାନଶିକ୍ଷକ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁଲାଇ ୧୧ରେ ଏହି ବିଦ୍ୟାଳୟରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ତାଲା ଭାଙ୍ଗି କମ୍ପ୍ୟୁଟର ଓ ସିସିଟିଭିର ଯନ୍ତ୍ରାଂଶ ଚୋରିକରିନେଇଥିଲେ। ଏନେଇ ପ୍ରଧାନଶିକ୍ଷକ ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଏଯାଏ ଚୋରି ସାମଗ୍ରୀ କିମ୍ବା ଚୋରଙ୍କ ପତ୍ତା ମିଳିପାରି ନାହିଁ। ରାତ୍ରଜଗୁଆଳି ନ ଥିବାରୁ ବାରମ୍ବାର ଚୋରି ହେଉଥିବା ବେଳେ ସନ୍ଧ୍ୟା ହେଲେ ବିଦ୍ୟାଳୟ ପରିସର ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ତୁରନ୍ତ ସ୍କୁଲରେ ରାତ୍ରଜଗୁଆଳି ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ହୋହାଲ୍ଲା କରୁଛନ୍ତି।

## ୩୦ ଚାଳକଙ୍କ ଲାଇସେନ୍ସ ରଦ୍ଦ

### ଖଇରାରେ ହେଲ୍‌ମେଟ୍ ଯାଞ୍ଚ

ଖଇରା, ୨୫।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ପରିବହନ ବିଭାଗ ଓ ଖଇରା ପୋଲିସର ମିଳିତ ସହଯୋଗରେ ସୋର-କୁପାରୀ ରାସ୍ତାର ଖଇରା ବଜାରରେ ଗୁରୁବାର ହେଲମେଟ ଓ ସିଟ୍ ବେଲ୍ଟ ଯାଞ୍ଚ କରାଯାଇଛି । ସେହିଭଳି ନିଶାସକ୍ତ ଭାବେ ଗାଡି ଚଳାଉଥିବା ୭ ବାଇକ୍ ସିଜ୍ କରାଯିବା ସହ ୩୦ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିଭଳି ୯ଟାରୁ ୨ଟା ପର୍ଯ୍ୟନ୍ତ ଚାଲିଥିବା ଚଢାଉ ମଧ୍ୟରେ ୫୮ଗାଡି ଚାଳକଙ୍କ ନିକଟରୁ ଜରିମାନା ବାବଦକୁ ୧ଲକ୍ଷ ୪୩ଲକ୍ଷ ଟଙ୍କା ଆଦାୟ କରାଯାଇଛି। ବାଲେଶ୍ୱର ଟ୍ରାଫିକ ନିରୀକ୍ଷକ ସୌମେନ୍ଦ୍ର ମହାପାତ୍ର ଓ ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ଖଟିଆରେ ବୁହାହେଲେ ରୋଗୀ


ଗ୍ରାମବାସୀ ରୋଗୀଙ୍କୁ ଖଟିଆରେ ବୋହି ନାଳ ପାର୍ କରୁଛନ୍ତି।

ବାରିପଦା ଅଫିସ/ କୁଳିଅଣା,୨୫।୮(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ମାରାଙ୍ଗତାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଜିଆଣି ସାହି(ପଳାଶବଣି) ଗ୍ରାମର ଜଣେ ରୋଗୀଙ୍କୁ ଗ୍ରାମବାସୀ ଖଟିଆରେ ବୋହି ନାଳ ପାରି କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଜିଆଣି ସାହିରେ ୫ଶହ ଲୋକ ବସବାସ କରନ୍ତି। ଏହି ଗ୍ରାମ ଦେଇ ଯାଇଥିବା ଚିପଟ ନାଳ ପୋଲଟି ଗତ ଫାଇଲିନ ସମୟରେ ଭାଙ୍ଗିଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଏହାର ଯେନତେନ ମରାମତି ପରେ ଲୋକେ ଯାତାୟାତ କରୁଥିଲେ। ମାତ୍ର କିଛି ଦିନ ପୂର୍ବେ ଲଗାଣ ବର୍ଷା ଯୋଗୁ ନାଳରେ ଥିବା ପୋଲଟି ଭାଙ୍ଗିଯିବା ସହ ରାସ୍ତା ଧୋଇ ଯାଇଛି। ଫଳରେ ଗ୍ରାମବାସୀ ନାଳ ପାଣିରେ ପଶି ଚଳପ୍ରଚଳ କରୁଛନ୍ତି। ଗୁରୁବାର ଗ୍ରାମର ଦିବାଲ ଚପେୟାର(୪୦)ଙ୍କ ଅବସ୍ଥା ଗୁରୁତର ହେବାରୁ ଗ୍ରାମବାସୀ ତାଙ୍କୁ ଏକ ଖଟିଆରେ ବୋହି ନାଳ ପାର କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ । ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଓ ପୋଲ ନିର୍ମାଣ କରାଯାଉ ନ ଥିବାରୁ ଲୋକେ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମର ପୁକୁଲୁ ମାରାଣ୍ଡି, ଦାଶରଥି ସୋରେନ, ହାରି ସୋରେନ, ମଦନ ମୁର୍ମୁ ଓ କାରା ଚାପେୟର କହିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ନୂତନ ପୋଲ ନିର୍ମାଣ କରାଯାଉ ନ ଥିବା ଗୋବିନ୍ଦ ମୁର୍ମୁ ଓ ମାନସ ଚୌଧୁରୀ କହିଛନ୍ତି ।

**ବନ୍ୟାଞ୍ଚଳରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା**

ଧାମନଗର, (ଡି.ଏନ.ଏ.): ବନ୍ୟାରେ ପ୍ରଭାବିତ ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କରାଯାଉଛି। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ଝାନ୍ସୀ ରାଣୀ ତପସି ଓ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ଯୋଗମାୟା ସିଂ ୨ଟି ଭ୍ରାମ୍ୟମାଣ ଯାନରେ ଧାମନଗର ଓ ଧୂଷୁରୀ ଅଞ୍ଚଳରେ ବୁଲି ପ୍ରାଣୀମାନଙ୍କୁ ଚିକିତ୍ସା ଯୋଗାଉଛନ୍ତି। ଗୁରୁବାର ସୁଦ୍ଧା ୬ ହଜାର ୫୦୦ ସାହାଣ ଓ ବଜବଜିଆ ଭାକ୍ସିନ ୨୫ଟି କ୍ୟାମ୍ପ କରି ଦିଆଯାଇଛି। ୨୦୦୦ ଗୋରୁ ଓ ୫୦୦ ଛେଳି, ମେଣ୍ଢାଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଇଥିବା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି।

# ବନ୍ୟାରେ ପୋଲ ଦବିଲା

## ଅନୁଧ୍ୟାନ କଲେ ବିଭାଗୀୟ ଯନ୍ତ୍ରୀ

**ବାଲିଆପାଳ, ୨୫।୮(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଜାମକୁଣ୍ଡା ଲକ ଠାରୁ ପନ୍ତେଇ ଫେରିଘାଟକୁ ଯିବା ରାସ୍ତାରେ ଥିବା ପୋଲ ଏବେ ଦବିଯାଇଛି। ବନ୍ୟା ଛାଡ଼ିବା ପରେ ପୋଲ ଦବିଛି ବୋଲି ଗ୍ରାମବାସୀ ଗ୍ରାମ୍ୟଉନ୍ନୟନ ବିଭାଗକୁ ଲେଖି ଜଣାଇଥିଲେ।

ଅଭିଯୋଗ ପାଇବା ପରେ ଗୁରୁବାର ଅପରାହ୍ଣରେ ଜିଲା ବିଭାଗୀୟ ମୁଖ୍ୟଯନ୍ତ୍ରୀ ଶିଶିର କୁମାର ମିଶ୍ର ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କ ସହିତ ଜଳେଶ୍ୱର ନିର୍ବାହୀ ଯନ୍ତ୍ରୀ, ଏସ୍‌ଡ଼ିଓ ପ୍ରମୁଖ ଆସିଥିଲେ। ଉକ୍ତ ପୋଲକୁ ମରାମତି ନ କରି ନୂତନ ପୋଲ ନିର୍ମାଣ ପାଇଁ ଯନ୍ତ୍ରୀ ମିଶ୍ର ଡିଜାଇନ ପ୍ରସ୍ତୁତ କରିବା ପାଇଁ ବିଭାଗୀୟ ଏସଡ଼ିଓଙ୍କୁ କହିଥିଲେ। ବନ୍ୟା ପରେ କାର୍ଯ୍ୟ ଆରମ୍ଭ ହେବ। ଏହି ବ୍ରିଜ ଉପର ଦେଇ ୧୦ଟି ଗାଁର ଲୋକେ ଯାତାୟାତ କରନ୍ତି। ଭୋଗରାଇ ଓ ପଶ୍ଚିମବଙ୍ଗର ଲୋକେ ମଧ୍ୟ ଏହା ଉପରେ ନିର୍ଭର କରନ୍ତି। ଏବେ କେବଳ ମୋଟର ସାଇକେଲ ଯାତାୟାତ କରୁଛି। ବଡ଼ ଗାଡ଼ି ଯିବାକୁ ବାରଣ କରାଯାଇଛି। ପୋଲ ଦବିବାର କାରଣ ସମ୍ପର୍କରେ ପଚାରିବାରୁ ସେ ଉତ୍ତର ମୁଖ୍ୟଯନ୍ତ୍ରୀ ଦେବେ ବୋଲି କହିଥିଲେ। ଏନେଇ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ଭାସିଗଲା ଅସ୍ଥାୟୀ ପୋଲ

## ଯୋଗାଯୋଗ ବିଚ୍ଛିନ୍ନ

**ଲଙ୍ଗଳେଶ୍ୱର, ୨୫।୮(ଡି.ଏନ.ଏ.)**

ବନ୍ୟାକୁ ୫ ଦିନ ବିତିଯାଇଥିବା ବେଳେ ଜଳସ୍ତର କମୁଥିବାରୁ ଲୋକମାନେ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଛନ୍ତି। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ ତାଳପଦା ଗ୍ରାମକୁ କୋଷ୍ଟକେନାଲ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଲ ବୁଧବାର ରାତିରେ ବନ୍ୟାର ପ୍ରଖରସ୍ରୋତରେ ଭାସିଯାଇଛି। ତାଳପଦା ଗ୍ରାମକୁ ସ୍ଥାୟୀ ଭାବେ ସବୁଦିନିଆ ରାସ୍ତା ନ ଥିବା ବେଳେ ସେଠାକାର ଗ୍ରାମବାସୀ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ କୁହ୍ଲାଚଡ ଗ୍ରାମରୁ ତାଳପଦାକୁ ସଂଯୋଗ କରିବା ପାଇଁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏକ ସ୍ଥାୟୀ ପୋଲ ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ବେଳେ ଲୋକମାନଙ୍କର ଯାତାୟତ ପାଇଁ ସେଠାରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା । ବନ୍ୟା ସମୟରେ ପାୱାର ବୋଟ ସାହାଯ୍ୟରେ ତାଳପଦା ଗ୍ରାମକୁ ଯୋଗାଯୋଗ କରାଯାଉଥିଲା । ମାତ୍ର ନଦୀର ଜଳସ୍ତର କମିବା ଫଳରେ ଏବେ ବୋଟ ସାହାଯ୍ୟରେ ଯିବା ଏବେ ଅସମ୍ଭବ ହୋଇପଡିଛି । ଗ୍ରାମକୁ ଯାତାୟାତ କରିବା ପାଇଁ ଅନ୍ୟ କୌଣସି ବ୍ୟବସ୍ଥା ନାହିଁ । ତେଣୁ ଭାଙ୍ଗିଯାଇଥିବା ଅସ୍ଥାୟୀ ପୋଲକୁ ଯଥାଶୀଘ୍ର ମରାମତି କରି ଯାତାୟାତ ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଭାସି ଯାଇଥିବା ଅସ୍ଥାୟୀ ପୋଲ।

# ବନ୍ୟା କମିଲା, ପାଣି ଛାଡ଼ିନି

## ୫ଦିନ ହେଲା ଘରେ ବସିଛନ୍ତି ବିପନ୍ନ

**ଭୋଗରାଇ,୨୫।୮(ଡି.ଏନ.ଏ.)**

ପଗେଗର ଉନ୍ନତି ହେବା ସହିତ ବନ୍ୟା ସ୍ଥିତିରେ ମଧ୍ୟ ସୁଧାର ଆସିଛି। ହେଲେ ଏମିତି ପଞ୍ଚାୟତ ରହିଛି ଯେଉଁଠି ବନ୍ୟାପାଣି ଛାଡ଼ିବାକୁ ଆହୁରି ୧୦ଦିନରୁ ଊର୍ଦ୍ଧ୍ୱ ସମୟ ଲାଗିବ। ସେହିଭଳି ଏକ ପଞ୍ଚାୟତ ହେଉଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କଟୁଆଡ଼ି ପଞ୍ଚାୟତ। ଏହି ପଞ୍ଚାୟତର ଚକେଇସବ, ପାରୁଳିଆ, କଟିସାହି ଓ ଦକ୍ଷିଣନାଡ଼ବଣୀ ଗାଁର ପାଖାପାଖି ୩ହଜାର ଜନବସତି ରହିଛି। ଉତ୍ତର ଭୋଗରାଇର କଟୁଆଡ଼ି ଦକ୍ଷିଣପାର୍ଶ୍ୱସ୍ଥ ଗାଁଗୁଡ଼ିକ ଅତ୍ୟନ୍ତ ତଳିଅଞ୍ଚଳ ହୋଇଥିବାରୁ ବନ୍ୟା ଆସିଲେ ଜଳଯନ୍ତ୍ରଣା ସବୁଠୁ ପୀଡ଼ା ଦେଇଥାଏ। ସୁବର୍ଣ୍ଣରେଖାର ଚଳିତ ବନ୍ୟା ଗ୍ରାମବାସୀଙ୍କ ଜନଜୀବିକାକୁ ଗଭୀର ଭବେ ପ୍ରଭାବିତ କରିଛି। ଧାନଚାଷ, ପାନବରଜରେ ବ୍ୟବହୃତ ଖଡ଼ି, ଇକଡ଼ ମୁଖ୍ୟ ଚାଷ ହୋଇଥିବା ବେଳେ ବନ୍ୟା କୋପରେ ସବୁକିଛି ଉଜୁଡ଼ିଯାଇଛି। ବନ୍ୟାର ୫ଦିନ ପରେ ବି ବିପନ୍ନମାନଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପ୍ରତି ଗାଁ ରାସ୍ତାରେ ଅଣ୍ଟାଏରୁ ଛାତିଏ ପର୍ଯ୍ୟନ୍ତ ପାଣିର ସ୍ରୋତ ଛୁଟୁଛି। ଛୁଆପିଲା, ଗୋବାଦୀ ପଶୁଙ୍କୁ ଧରି ଅତି ଶୋଚନୀୟ ଭାବେ ବିପନ୍ନମାନେ ରହୁଛନ୍ତି।

ସଞ୍ଜ ନଇଁ ଆସିଲେ ଯେଉଁଠି ଗାଁ ଦାଣ୍ଡ ଚଳଚଞ୍ଚଳ ରହୁଥିଲା, ସେଠାରେ ଶୂନଶାନ ହୋଇଯାଉଛି। ବନ୍ୟା ପାଣି ଛାଡ଼ି ନ ଥିବାରୁ ସ୍କୁଲଗୃହ, ଅଙ୍ଗନୱାଡ଼ି କେନ୍ଦ୍ରରେ ପାଣି ଜମି ରହି ଦୁର୍ଗନ୍ଧ ପରିବେଶ ସୃଷ୍ଟି ହୋଇଛି। ମୂଳ ମଜୁରୀ ଉପରେ ନିର୍ଭର କରୁଥିବା ଗରିବଗୁରୁବାଙ୍କ କାମଧନ୍ଦା ମିଳୁ ନ ଥିବାରୁ ପରିବାର ପ୍ରତିପୋଷଣ କରିବା ଶୋଚନୀୟ ହୋଇପଡ଼ିଛି। ଧାନ, ଖଡ଼ି ଚାଷ ବୁଡ଼ିଯିବା ଦ୍ୱାରା ଲୋକଙ୍କ ଆର୍ଥିକ ଅବସ୍ଥା ସାଂଘାତିକ ହୋଇଛି। ଏବେ ବି ବନ୍ୟା ପ୍ରକୋପ ଥମି ନ ଥିବା ବେଳେ ବହୁ ପରିବାର ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ଘର ଭିତରେ ଆଣ୍ଠୁଏରୁ ଊର୍ଦ୍ଧ୍ୱ ପାଣି ଜମି ରହିଛି। ଖଟ, ଖଟିଆ, କାଠପଟା ବାନ୍ଧି ବଡ଼ କଷ୍ଟରେ ଛୁଆପିଲା ଧରି ରହିଥିବା ଦେଖିବାକୁ ମିଳୁଛି। ନଡ଼ା, ଶୁଖିଲା ଜାଳ ମିଳୁ ନ ଥିବା ବେଳେ ଘରେ ଏକା ଥିବା ବୃଦ୍ଧାବୃଦ୍ଧ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ପେଟର ଜ୍ୱାଳା ସହି ନ ପାରି ପଞ୍ଚାୟତ ତରଫରୁ ଦିଆଯାଉଥିବା ଖାଦ୍ୟକୁ ଭରସା ରଖିଛନ୍ତି। ଏହି ପଞ୍ଚାୟତର କଟିସାହି ହାଇସ୍କୁଲ, ଚକେଇସବ ଓ ପାରୁଳିଆ ପ୍ରାଥମିକ ସ୍କୁଲରେ ୩ଶହରୁ ଊର୍ଦ୍ଧ୍ୱ ସ୍ଥାନାନ୍ତର ହୋଇଥିବା ବିପନ୍ନମାନେ ରହିଛନ୍ତି। ସମସ୍ତ ନଳକୂପ ବନ୍ୟା ପାଣିରେ ବୁଡ଼ି ରହିବା ଯୋଗୁ ପିଇବା ପାଣି ସଙ୍କଟ ଦେଖାଦେଇଛି। ଚକେଇସବ ଗାଁର ଆରତୀ ପରିଡ଼ା, ବରେନ୍ଦ୍ର ପରିଡ଼ା, ସୁଦର୍ଶନ ଗିରି, କମଳଲୋଚନ ପରିଡ଼ା ନିଜ ପରିବାରର ଦୁଃଖଦୁର୍ଦ୍ଦଶା ବର୍ଣ୍ଣନା କରିଛନ୍ତି। ପଞ୍ଚାୟତ ପକ୍ଷରୁ ମିଳିଥିବା ଚୁଡ଼ା, ଗୁଡ଼ ସେମାନଙ୍କ ପରିବାର ପାଇଁ ନିଅଣ୍ଟ ବୋଲି ସେମାନେ ଦୁଃଖର ସହିତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସରପଞ୍ଚ ଜ୍ୟୋସ୍ନାରାଣୀ ମହାନ୍ତି ତାଙ୍କ ପଞ୍ଚାୟତରେ ୩ଟି ସ୍କୁଲ ଗୃହରେ ୫ଶହ ବିପନ୍ନଙ୍କୁ ରଖାଯାଇ ଖାଦ୍ୟସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ପ୍ରଶାସନଠାରେ ଅଧିକ ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ଦାବି କରିଛନ୍ତି।


ଚକେଇସବ ଗ୍ରାମ ସଡ଼କରେ ବନ୍ୟା ସ୍ଥିତି।

# ଚାଷଜମିରୁ ଛାଡୁନି ବନ୍ୟାପାଣି


ପାରଡ଼ିଆ ଗାଁର ଜଣେ ଚାଷୀ ପଚିଯାଇଥିବା ଧାନ ଦେଖାଉଛନ୍ତି।

**ଆରଡ଼ି, ୨୫।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ୪ ପଞ୍ଚାୟତ ସୁନ୍ଦରପୁର, ଓଳଗ, ଆରଡ଼ି ଓ ନାନ୍ଦପୁରର ୨୦ ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଓ ବନ୍ୟାରେ ପ୍ରାୟ ୧୫ ଦିନ ଧରି ଚାଷଜମି ପାଣିରେ ବୁଡ଼ି ରହିଛି। ଫଳରେ ଶାରଦ ଧାନ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ବୋଡ଼କ, ସାଠିବାଙ୍କୁଡା, କୁଳେଇପଦା, ପାରଡିଆ, ଓଳଗ, ଦୋହରାପାଟଣା, ସୁନ୍ଦରପୁର, ଖଟୁଆପାଟଣା, ପହଣା, ଆରଡ଼ି, ମୁଆଁ, ସନ୍ତରା, ଭୂଇଁପୁର, କୋଇଲଖା, ବାଙ୍କମୁହାଁ, ବତ୍ରଳ, ଚମ୍ପାସାହି ଆଦି ଗାଁରେ ଥିବା ଚାଷଜମିରୁ ଏଯାଏ ପାଣି ଛାଡ଼ି ନ ଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଉପରମୁଣ୍ଡରେ କିଛି ସ୍ଥାନରେ ଚାଷ ନଷ୍ଟ ହୋଇଯାଇଥିବା ବେଳେ ପାଣି ଛାଡ଼ିବା ପରେ ଧାନ ବିଲରେ ଗୋରୁ ଚରୁଛନ୍ତି। କିଛି ବିଲରେ ଧାନ ଗଛ ପଚି ଯାଇଥିବା ଦେଖିବାକୁ ମିଳିଛି।

## ଏଯାଏ ହେଲାନି ଫସଲ କ୍ଷୟକ୍ଷତି ଆକଳନ

ସେହିପରି ବନ୍ୟା ପ୍ରଭାବିତ ଲୋକଙ୍କୁ ଏଯାଏ ରିଲିଫ୍ ମୁଠାଏ ବି ମିଳି ନ ଥିବା ଅଭିଯୋଗ ହେଉଛି। ଚାଷ ଉଜୁଡ଼ି ଯାଇଥିଲେ ବି ବନ୍ୟା ପ୍ରଭାବିତ ଅଞ୍ଚଳରେ କୃଷି ବିଭାଗର ଅଧିକାରୀ କି କର୍ମଚାରୀଙ୍କ ପାଦ ପଡ଼ିନାହିଁ। ଫସଲ କ୍ଷୟକ୍ଷତିର ଆକଳନ କରାଯାଇ ନାହିଁ। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ବନ୍ୟା ଦ୍ୱାରା ଫସଲ ହାନିର ଉପଯୁକ୍ତ ତଦନ୍ତ କରି ଚାଷୀମାନଙ୍କୁ ଫସଲ ବୀମାରାଶି ଯୋଗାଇବା ସହ କ୍ଷୟକ୍ଷତି ଆକଳନ କରି ଆର୍ଥିକ ସହାୟତା ପ୍ରଦାନ ଲାଗି ସେମାନେ ଦାବି କରିଛନ୍ତି। ଫସଲ ବ୍ୟତୀତ ଦୋହରାପାଟଣା, ମୁଆଁ, ସନ୍ତରା, ବୋଡ଼କ ଆଦି ଗାଁରେ ଘରଭଙ୍ଗା ସାହାଯ୍ୟ ଯୋଗାଇ ଦେବାକୁ ବନ୍ୟା ପ୍ରଭାବିତ ଲୋକେ ଚାନ୍ଦବାଲି ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଖୁବ୍‌ଶୀଘ୍ର କ୍ଷୟକ୍ଷତି ଆକଳନ କରାଯାଇ ନିୟମାନୁସାରେ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ସୁଶାନ୍ତ ସୂତାର କହିଛନ୍ତି।

# ଦୁର୍ଦ୍ଦଶାରେ ପଶ୍ଚିମବାର୍ଡ ପଞ୍ଚାୟତବାସୀ


ଗାଁ ଦାଣ୍ଡରେ ଜମି ରହିଥିବା ବନ୍ୟା ଜଳ।

**ଜଳେଶ୍ୱର, ୨୫।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ୨୮ ପଞ୍ଚାୟତର ୧୪୯ ଗାଁ ଜଳବନ୍ଦୀ ହୋଇଥିବା ବେଳେ ପଶ୍ଚିମବାର୍ଡ ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ହଜାର ହଜାର ହେକ୍ଟର ଜମିର ଚାଷ ଉଜୁଡିଥିବା ବେଳେ ୪୦ ପରିବାରର ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ୩ଦିନ ଆଶ୍ରୟ କେନ୍ଦ୍ରରେ ରହି ଗୁରୁବାର ଘରକୁ ଫେରିଥିବା କ୍ଷତିଗ୍ରସ୍ତ ପରିବାରକୁ ଖଣ୍ଡେ ପଲିଥିନ କିମ୍ବା ରିଲିଫ ମିଳି ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି ।

ବନ୍ୟା ଟଳିଯାଇଛି ସତ ଲୋକଙ୍କ ଦୁର୍ଦ୍ଦଶା ବଢିଛି। ପଶ୍ଚିମବାର୍ଡ ପଞ୍ଚାୟତର ଲୋକସଂଖ୍ୟା ପ୍ରାୟ ୬ହଜାର ହୋଇଥିବା ବେଳେ ଅଧିକ ଲୋକେ ଅନୁସୂଚିତ ଜାତି ଶ୍ରେଣୀର। ଦେବକୁମାରର ଦଳେଇସାହି, ତାରାପୁର ସାହି, ଉତ୍ତର ଦଳେଇ ସାହି, ଦଣ୍ଡପାଟ ସାହି, ସାତଘରିଆ ସାହି, ମଙ୍ଗଳାମାତା ସାହି, ତେଲି ସାହି, ବେହେରା ସାହି, ମଝିଜେନାସାହି, ପାଟଣାସାହି, ମୁଖିସାହି, ନାୟକ ସାହି, ଗାଣ ସାହି, ପ୍ରମାଣିକ ସାହି, ମଲ୍ଲିକ ସାହି, ବରିଖାଡିସାହି, ସିମିଳାପୋଖରୀ ଆଡିସାହି, ପତାବଣସାହି ଲୋକଙ୍କ ଦୁର୍ଦ୍ଦଶା କହିଲେ ନ ସରେ । ବିଭିନ୍ନ ଆଶ୍ରୟ କେନ୍ଦ୍ରରୁ ସେମାନେ ଫେରି ଏବେ ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି । ସନ୍ତସନ୍ତିଆ ପରିବେଶ, ଧୋଇଯାଇଥିବା ଗାଁ ଦାଣ୍ଡ, ଘର ଚତୁଃପାର୍ଶ୍ୱରେ ସାଲୁବାଲୁ ପୋକ ସହିତ ୪୦ ପରିବାରର ଘର ଭାଙ୍ଗିଥିବାରୁ ସେମାନେ ଅତି କଷ୍ଟରେ ଦିନ କାଟିଛନ୍ତି। ଆଶ୍ରୟସ୍ଥଳରେ ୩ ଦିନର ରନ୍ଧାଖାଦ୍ୟ ଦେବାପରେ ଏବେ ଖାଦ୍ୟର ଘୋର ଅଭାବ ଦେଖାଦେଇଛି। ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ଓଦା ହୋଇଥିବା ବେଳେ କଚ୍ଚା କାନ୍ଥ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେମାନଙ୍କୁ ଅଦ୍ୟାବଧି ପଲିଥିନ କିମ୍ବା ରିଲିଫ ମିଳିନାହିଁ।

ସୁବର୍ଣ୍ଣରେଖା ନଦୀର ଅପରପାର୍ଶ୍ୱରେ ରହୁଥିବା କେତେକ ଗ୍ରାମବାସୀଙ୍କ ଘରେ ବନ୍ୟାପାଣି ପଶିବା ସହିତ ଗୋରୁ ଉପବାସରେ ରହିଛନ୍ତି। କୁନା ଦଳେଇ, ମାହୁ ଦଳେଇ, ମୃତ୍ୟୁଞ୍ଜୟ ମୁଖି, ଚକ୍ରଧର ଜେନା, ବୈଦ ଦଳେଇ ଓ ବିଦ୍ୟାଧର ପଣ୍ଡାଙ୍କ ଘର ଭାଙ୍ଗିଥିବା ସରପଞ୍ଚ ଶମ୍ଭୁନାଥ ଜେନା ପ୍ରକାଶ କରିଛନ୍ତି । ବାଇଗଣବାଡିଆ ପଞ୍ଚାୟତର କଣ୍ଟାପାଳ ଗାଁ ନଦୀବନ୍ଧ ନିକଟରେ ଥିବା ପ୍ରଫୁଲ୍ଲ ରାଉଳ, ଚନ୍ଦନ ରାଉଳ, ହେମନ୍ତ ନାୟକ, ପୁଷ୍ପକ ରାଉଳ, ସୀତାରାମ ବେହେରା ଓ ବଳରାମ ରାଉତ, ଅଘୁରୀ ବାବାଙ୍କ ଘରେ ପାଣି ପଶି ବ୍ୟାପକ କ୍ଷତି ଘଟିଛି । ସେମାନେ ଆଶ୍ରୟସ୍ଥଳରୁ ଫେରିଥିବା ବେଳେ ନଦୀବନ୍ଧରେ ଅସ୍ଥାୟୀ ଚୁଲି କରି ରୋଷେଇ କରୁଥିବା ଦେଖିବାକୁ ମିଳିଥିଲା। ଏବେବି ଗାଁ ଦାଣ୍ଡରେ ପାଣିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସରପଞ୍ଚ ବିଷ୍ଣୁପଦ ପାତ୍ର କହିଛନ୍ତି। ଜମିରୁ ପାଣି କମିଥିଲେ ମଧ୍ୟ ସଦ୍ୟ ରୁଆଯାଇଥିବା ଧାନ ଗଛ ଓ ପନିପରିବା ଗଛ ପଚି ନଷ୍ଟ ହୋଇଛି। ଗଡସାହି ବାଲିଆପାଳ ପଞ୍ଚାୟତ ବିଶେଷ କ୍ଷତିଗ୍ରସ୍ତ ହୋଇଥିବାରୁ ସେଠାରେ ଅବିଳମ୍ବେ ରିଲିଫ ଯୋଗାଇ ଦେବାକୁ ଦାବି ହୋଇଛି । ଏବେ ପୁଣି ବର୍ଷା କିମ୍ବା ବନ୍ୟା ଦେଖା ଦେଲେ ପରିସ୍ଥିତି ଅଣାୟତ୍ତ ହେବାର ସମ୍ଭାବନା ରହିଛି । ୧୨ହଜାର ଗୋରୁଙ୍କ ଲାଗି ମିଳିଛି ମାତ୍ର ୨୫୦ କୁଇଣ୍ଟାଲ ଗୋଖାଦ୍ୟ। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି କୁହାଯାଇଛି ।

## ବ୍ଲକ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ

**ଜଳେଶ୍ୱର, ୨୫।୮(ଡି.ଏନ.ଏ.)**

ସୁବର୍ଣ୍ଣରେଖା ବନ୍ୟା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରାଥମିକ ଭାବେ କ୍ଷୟକ୍ଷତି ଆକଳନ କରାଯାଇଛି । ଏଥିରେ ୧୩୪ ଗାଁର ୧୦୫୦ଲୋକଙ୍କୁ ଆଶ୍ରୟସ୍ଥଳରେ ରଖାଯାଇ ୩ ଦିନ ରନ୍ଧାଖାଦ୍ୟ ଦେବାପରେ ଗୁରୁବାର ସେମାନେ ଘରକୁ ଫେରିଛନ୍ତି । ଜଳେଶ୍ୱର ବ୍ଲକର ପ୍ରାୟ ୧୭୦ ରାସ୍ତାର ୩୨୦ କି.ମି. ପାଣିରେ ବୁଡି ଧୋଇ ଯାଇଥିବା ଆକଳନ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ୧୬ଟି ରାସ୍ତା ପୂର୍ତ୍ତ ବିଭାଗର ୨ଟି ରାସ୍ତାର କ୍ଷତି ଘଟିଥିବା ବେଳେ ୪୭ଟି ବିଦ୍ୟାଳୟ ଊଣାଅଧିକେ କ୍ଷତିଗ୍ରସ୍ତ ବୋଲି ଦର୍ଶାଯାଇଛି। ବ୍ଲକ ଅଞ୍ଚଳରେ ଥିବା ୬୧୦୩୦ ଗୋସମ୍ପଦ ଥିବା ବେଳେ ୧୨୦୦୩ ଗୋରୁ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ବନ୍ୟା ପ୍ଲାବିତ ଅଞ୍ଚଳରେ ୧୭୯୦ ନଳକୂପ ଥିବା ବେଳେ ୧୫୫ଟି ଊଣାଅଧିକେ ବନ୍ୟା ପାଣିରେ ପ୍ରଭାବିତ ହୋଇଛି। ଅଦ୍ୟାବଧି ସମସ୍ତ ନଳକୂପ ଓ ପାଇପ ପାଣି ପ୍ରକଳ୍ପରେ ହାଲୋଜିନ୍ କିମ୍ବା ବ୍ଲିଚିଂ ପକାଯାଇ ନ ଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି । ବ୍ଲକ ଓ ପୌରପାଳିକା ଅଞ୍ଚଳରେ ୨୫୦୦ ହେକ୍ଟର ଧାନଜମି, ୫୫୦ ହେକ୍ଟର ପନିପରିବା ଚାଷ ଓ ୨୦୦ ହେକ୍ଟର ଜମିର ଝୋଟଚାଷ କ୍ଷତିଗ୍ରସ୍ତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାଯାଇଛି । ଅଦ୍ୟାବଧି ୮୨ଟି କଚ୍ଚାଗୃହ ଆଂଶିକ, ୬ଟି ଗୃହ ସମ୍ପୂର୍ଣ୍ଣ ଓ ୨୪ ଚାଳିଆ ଘର କ୍ଷତିଗ୍ରସ୍ତ ବୋଲି କୁହାଯାଇଛି।

## ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କୃଷିଭିତ୍ତିକ ସଚେତନତା

**ଚାନ୍ଦବାଲି, ୨୫।୮(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ କୃଷି ବିଭାଗର ଆତ୍ମା ପକ୍ଷରୁ ବ୍ଲକସ୍ତରୀୟ କୃଷିଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିହନ ବିଶୋଧନ, ଧାଡ଼ିରୁଆ, ରୋଗପୋକ ନିରାକରଣ, ବାରମାସର ଚାଷ, ଇ ରୋଗ ପୋକ ସର୍ବେକ୍ଷଣ, ସମନ୍ୱିତ କୃଷି ଆଦି ସମ୍ପର୍କରେ ଘୋଡ଼ାନାଚ ଓ ଚଢ଼େଇ ଚଢ଼େଆଣୀ ନାଚଗୀତ ମାଧ୍ୟମରେ କୃଷକମାନଙ୍କୁ ସଚେତନ କରାଯାଇଥିଲା। ବ୍ଲକ କୃଷି ଅଧିକାରୀ କୃଷି କବି ଅରୁଣ ପାତ୍ର, ବଡ଼ଓସ୍ତିଆ ପଞ୍ଚାୟତର ସରପଞ୍ଚ ମହେଶ୍ୱର ସାହୁ, ସହକାରୀ କୃଷି ଅଧିକାରୀ ଚୌଧୁରୀ ଜେନା, ଲିପ୍ସା ପ୍ରିୟଦର୍ଶିନୀ, କୃଷି ବୈଷୟିକ ପରିଚାଳକ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ବିପିସି ରିତାରାଣୀ ସାହୁ, ଏସ୍‌ଏଚ୍‌ଜି ସଭାପତି ଓ ସମ୍ପାଦିକାଙ୍କ ସହ ଗ୍ରାମ୍ୟ କୃଷି କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ଘୋଡ଼ାନାଚ ମାଧ୍ୟମରେ କୃଷକମାନଙ୍କୁ ସଚେତନ କରାଯାଉଛି।

## ମୋବାଇଲ ପାଇଁ ଜୀବନ ହାରିଲେ ଯୁବକ

**ପାଟଣା,୨୫।୮(ସ୍ୱ.ପ୍ର.)**

ମୋବାଇଲ ପାଇଁ ଜୀବନ ହାରିଲେ ଯୁବକ। ମୋବାଇଲ କିଣିବା ଲାଗି ମା' ଟଙ୍କା ନ ଦେବାରୁ ସେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ବୁଧବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ ଚିନାମାଳି ପଶି ପଞ୍ଚାୟତର ବଡ଼ମହୁଲଡିହା ଗ୍ରାମରେ। ମୃତକ ହେଲେ ବିଶ୍ୱାମିତ୍ର ନାଏକ (୨୦)।


ସୂଚନା ଅନୁଯାୟୀ, ବୁଧବାର ଅପରାହ୍ଣରେ ବିଶ୍ୱାମିତ୍ର ମୋବାଇଲ କିଣିବା ପାଇଁ ତାଙ୍କ ମା'ଙ୍କୁ ୨ ହଜାର ଟଙ୍କା ମାଗିଥିଲେ। ମା' ଟଙ୍କା ନ ଦେବାରୁ ସେ ଉତ୍ତ୍ୟକ୍ତ ହୋଇ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଘଟଗାଁ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସମାଲୋଚକ ଦେବେନ୍ଦ୍ର କୁମାର ଦାଶଙ୍କ ପରଲୋକ

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୫।୮ (ବ୍ୟୁରୋ)**

ସାହିତ୍ୟିକ, ସମାଲୋଚକ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ଗୁରୁବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ସେ ସ୍ଥାନୀୟ ଶାସ୍ତ୍ରୀନଗରରେ ପରିବାର ସହ ରହୁଥିଲେ। କିଛିଦିନ ହେବ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ଦେବେନ୍ଦ୍ର ଜଗତ୍‌ସିଂହପୁର ଜିଲା ମାଛଗାଁ ବୀରନରସିଂହପୁର ଶାସନରେ ୧୯୫୪ ଜୁଲାଇ ୨୮ରେ ଜନ୍ମଗ୍ରହଣ କରିଥିଲେ। ପାଠପଢ଼ା ପରେ ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧ୍ୟାପନା କରିଥିଲେ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ବିଭିନ୍ନ ମହାବିଦ୍ୟାଳୟରେ ଶିକ୍ଷାଦାନ କରି ପ୍ରାଧ୍ୟାପକ ପଦରୁ ସେବାନିବୃତ୍ତ ହୋଇଥିଲେ। ଜଣେ ନିରଳସ ସାରସ୍ୱତ ସାଧକ ଭାବରେ ସେ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇଥିଲେ। ତାଙ୍କ ସମ୍ପାଦନାରେ ରାଧାନାଥ, ଫକୀରମୋହନ, ଗୋପବନ୍ଧୁ ଓ ମଧୁସୂଦନ ଗ୍ରନ୍ଥାବଳୀ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟକୁ ବହୁମୂଲ୍ୟ ଅବଦାନ ପାଇଁ ୨୦୨୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଅବର୍ତ୍ତମାନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ସଚିବ ପ୍ରବୋଧ କୁମାର ରାଉତ, ସେଣ୍ଟର ଫର୍ ଜୁଡିସିଆଲ ଆର୍କାଇଭ୍ କଟକର ନିର୍ଦ୍ଦେଶକ ତଥା ବିଶେଷ କାର୍ଯ୍ୟରତ ଅଧିକାରୀ ଲଲାଟେନ୍ଦୁ ଦାଶମହାପାତ୍ର ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶ ପରିଷଦ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡା, ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ବୁଲା ଗୋରୁଙ୍କ ପାଇଁ ବଢୁଛି ସମସ୍ୟା

**ଚମ୍ପୁଆ, ୨୫।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ମୁଖ୍ୟ ବଜାରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ବିଶେଷ ଭାବେ ସକାଳ ଓ ସନ୍ଧ୍ୟା ସମୟରେ ମୁଖ୍ୟ ବଜାରରେ ଏହି ସମସ୍ୟା ଦେଖା ଦେଉଥିବା ବେଳେ ଏହାର ସମାଧାନ ପାଇଁ ପ୍ରଶାସନିକ ପଦକ୍ଷେପର ଆବଶ୍ୟକତା ରହିଛି। ବର୍ତ୍ତମାନ ମୁଖ୍ୟ ବଜାର ରାସ୍ତା ବୁଲା ଗୋରୁଙ୍କ ଦ୍ୱାରା ଅବରୋଧ ହେଉଥିବାରୁ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଅପରାହ୍ନ ୪ଟା ବାଜିଲେ ଗୋରୁଗାଈ ପଲ ପଲ ହୋଇ ରାସ୍ତା ଉପରେ ଶୋଇ ରହୁଥିବାରୁ ଏହି ସମସ୍ୟା ଦେଖାଦେଉଥିବା ବେଳେ ପୋଲିସର ଅନୁପସ୍ଥିତିରେ ରାସ୍ତା କଡରେ ଗାଡି ପାର୍କିଂ ଦ୍ୱାରା ସମସ୍ୟା ଦୁଇ ଗୁଣିତ ହେବାରେ ଲାଗିଛି। ଏହି ଗୋରୁମାନେ ସ୍ଥାନୀୟ ଅଞ୍ଚଳବାସୀଙ୍କର ହୋଇଥିବା ବେଳେ ସେମାନେ ଘରେ ବାନ୍ଧୁ ନାହାନ୍ତି। ଚମ୍ପୁଆ ଏନଏସି ବିଭାଗ ପକ୍ଷରୁ ଗୋରୁଗାଈଙ୍କ ପାଇଁ କାଞ୍ଜିଆହୁଦାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରାରୋପଣ

**ବାଲିଆପାଳ, ୨୫।୮(ସ୍ୱ.ପ୍ର.):** ବାଲିଆପାଳ ସୂଚନା ଅଧିକାର ସଂଘ ପକ୍ଷରୁ ସଭାପତି ଅନୁଜ ମହାପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ବାଲିଆପାଳ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ବଗିଚାରେ ଫୁଲ ଚାରାରୋପଣ କରାଯାଇଛି। ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବେଣୁଧର ହୋଇ, ଡା. ସୂର୍ଯ୍ୟକାନ୍ତ ବେହେରା, ଡା. ହିମାଦ୍ରୀ ଶେଖର ପାଲ, ଡା. ସୁବାସ ଦାସ, ଫାର୍ମାସିଷ୍ଟ ସରୋଜ କୁମାର ଦାସ, ବିଶ୍ୱଭୂଷଣ ଦାସ, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ରାମନାଥ କର ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବଗିଚାରେ ଫୁଲ ଚାରା ଲଗାଇ ଗଛ ମୂଳରେ ପାଣି ଦେଇଥିଲେ। ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖାର ଉପଦେଷ୍ଟା କୁଶଧ୍ୱଜ ଜେନା, ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ସଭାପତି ଅନୁଜ ମହାପାତ୍ର, ପ୍ରହ୍ଲାଦ ଘଡ଼ାଇ, ଶରତ କୁମାର ପାତ୍ର, ଗୋପୀନାଥ ଗଙ୍ଗାଇ, କାହ୍ନୁଚରଣ ପାତ୍ରଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଫୁଲ ଚାରା ବଗିଚାରେ ଲଗାଇଥିଲେ।

### ଗ୍ରାମାଞ୍ଚଳ ରାସ୍ତା ବିପର୍ଯ୍ୟସ୍ତ

**କେନ୍ଦୁଝର, ୨୫।୮ (ସ୍ୱ.ପ୍ର.) :** କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଛେଲିଆନାଳ ଗ୍ରାମରୁ ସିରିକୁଆଁ ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୩ କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଦାବି କରିଛନ୍ତି। ଏହି ମାଟି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ବେଳେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ସିଲିକୁଆଁ, କମଣ୍ଡ(କ), କମଣ୍ଡ(ଖ), ଛେଲିଆନାଳ ଗ୍ରାମର ଅଧିବାସୀମାନେ ନିର୍ଭର କରିଥାନ୍ତି। ସେହିପରି ଏହି ରାସ୍ତା ଉପରେ ବହୁ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ର ନିର୍ଭର କରି ଯିବାଆସିବା କରୁଛନ୍ତି। ବର୍ଷା ଦିନରେ ଖାଲଖମାରେ ପାଣି ଭର୍ତ୍ତି ହୋଇ ଯିବାରୁ ବହୁ ସମସ୍ୟା ଭୋଗୁଛନ୍ତି। ଏପରିକି ଡାକ୍ତରଖାନାକୁ ରୋଗୀ ତଥା ଗର୍ଭବତୀ ମହିଳା ନେବା ଆଣିବା ପାଇଁ ଆମ୍ବୁଲାନ୍ସ ଯିବା ଆସିବାରେ ବହୁ ଅସୁବିଧା ହେଉଛି। ସେହିପରି ସ୍ଥାନୀୟ ଲୋକେ ବ୍ଲକ, ହାଟ, ବଜାର ଯିବା ଆସିବାରେ ମଧ ସମସ୍ୟା ଭୋଗୁଛନ୍ତି। ଏ ନେଇ ଉପଯୁକ୍ତ ପଦକ୍ଷେପ ନେଇ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରିବାକୁ ସେମାନେ ନିବେଦନ କରିଛନ୍ତି। ଭୂଇଁପୁର ସରପଞ୍ଚ ସିରୋମଣୀ ନାୟକ, ସରୋଜ କୁମାର ମହାନ୍ତ, ପ୍ରଭାତି ମାଝୀ, ହଳଧର ମହାନ୍ତଙ୍କ ସମେତ ବହୁ ଲୋକ ଦସ୍ତଖତ କରି ଜିଲାପାଳଙ୍କୁ ଦାବିପତ୍ର ଦେବା ସହ ଜିଲା ଯୋଜନା ବୋର୍ଡ ଅଧକ୍ଷ, ଜିଲା ପରିଷଦ ଅଧକ୍ଷାଙ୍କୁ କପି ପ୍ରଦାନ କରିଛନ୍ତି।

### ଗୋଷ୍ଠୀ ଶୌଚାଳୟ ଲୋକାର୍ପିତ

**ଖଇରା, ୨୫।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ସ୍ଥାନୀୟ ଖଇରା ଆଦର୍ଶ ଶିକ୍ଷା ମନ୍ଦିର ବିଦ୍ୟାଳୟ ନିକଟରେ ଗୁରୁବାର ଏକ ଗୋଷ୍ଠୀ ଶୌଚାଳୟ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଆଦର୍ଶ ଶିକ୍ଷା ମନ୍ଦିର ଅଧକ୍ଷ ପ୍ରଭାତ କୁମାର ଜେନା, ସ୍ଥାନୀୟ ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ, କଇଥଗଡିଆ ସମିତିସଭ୍ୟ ନରୋତ୍ତମ ମହିମା ଜେନା, ପୂର୍ବତନ ସରପଞ୍ଚ ସୁଦର୍ଶନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଶୌଚାଳୟ ଖଇରାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବିଭିନ୍ନ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅତିଥିମାନେ କହିଥିଲେ।

# ସର୍ଭିସ ରୋଡ଼ରେ ବେଆଇନ ପାର୍କିଂ

**କେନ୍ଦୁଝର, ୨୫।୮ (ସ୍ୱ.ପ୍ର.)**

କେନ୍ଦୁଝର ସହର ନିକଟ ଏନ୍‌ଏଚ୍ ୪୯ରେ ଗଡଡୁଣିବେଡ଼ା-ଧୂପଦା ସର୍ଭିସ ରୋଡରେ ବେଆଇନ ଗାଡ଼ି ପାର୍କିଂ ଯୋଗୁ ଏହି ରାସ୍ତା ଉପରେ ଚଳପ୍ରଚଳ କରୁଥିବା ଲୋକଙ୍କୁ ସମସ୍ୟା ସୃଷ୍ଟି ହେଉଛି। କେନ୍ଦୁଝରରୁ ଧୂପଦା ରାସ୍ତାର ଗୋଟିଏ ପାର୍ଶ୍ୱରେ ଟ୍ରକ୍ ବେଆଇନ ପାର୍କିଂ କରାଯାଉଥିବାବେଳେ ଅପରପାର୍ଶ୍ୱରେ ବିଭିନ୍ନ ସୋ ରୁମର ଗାଡି ଗୁଡ଼ିକ ଛିଡା ହୋଇ ରହୁଛି। ଫଳରେ ଏହି ସର୍ଭିସ ରୋଡରେ ଯିବା ଆସିବା କରିବାକୁ ଲୋକ ନିରାପଦ ମଣୁନାହାନ୍ତି। ଲୋକଙ୍କ ସୁରକ୍ଷିତ ଯାତାୟାତ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ କରାଯାଇଛି। ଏହି ସ୍ଥାନରେ ଗାଡି ପାର୍କିଂ ପାଇଁ କଟକଣା କରାଯାଇଛି। ମାତ୍ର ଏହା ସତ୍ତ୍ୱେ ବେଆଇନ ପାର୍କିଂ ହେଉଛି। ସର୍ଭିସ ରୋଡରେ ଘଣ୍ଟା ଘଣ୍ଟା ଧରି ଯାନବାହନ ପାର୍କିଂ ହୋଇ ରହୁଥିବାରୁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା



ଏନ୍‌ଏଚ୍ ୪୯ର ସର୍ଭିସ ରୋଡ୍‌ରେ ପାର୍କିଂ ହୋଇଥିବା ଗାଡ଼ି।

ଘଟୁଛି। ବିଶେଷ କରି ଭାରିଯାନ ପାର୍କିଂ ଯାତ୍ରୀଙ୍କ ପାଇଁ ବିପଦର କାରଣ ପାଲଟିଛି। ପୋଲିସ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ବଢୁଛି। ସର୍ଭିସ ରୋଡରେ ବେଆଇନ ପାର୍କିଂ କରିବା ଦଣ୍ଡନୀୟ ଅପରାଧ ହୋଇଥିବାବେଳେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଜରିମାନା ଆଦାୟ ସହିତ ଗାଡି ପାର୍କିଂ ନ କରିବା ପାଇଁ ସୂଚନା ଫଳକ ଲଗାଇବାକୁ ଦାବି ହୋଇଛି। ଏଥିପ୍ରତି ଜାତୀୟ ରାଜପଥ ପ୍ରାଧୀକରଣ, ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ ମିଳିତ ଭାବେ ପଦକ୍ଷେପ ନେବା ଜରୁରୀ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜଳ ବିଭାଜିକା ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ, ପିଡି

**ଖଇରା, ୨୫।୮(ଡି.ଏନ.ଏ.)**

ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସାରୁଗାଁରେ ନିର୍ମିତ ହୋଇଥିବା ଜଳ ବିଭାଜିକା ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠୀ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ଉଦ୍‌ଘାଟନ କରିବା ଅବସରରେ ପୋଖରୀ ଚତୁଃପାର୍ଶ୍ୱରେ ନଡିଆ ଚାରାରୋପଣ କରିଥିଲେ। ୭ଲକ୍ଷ ୨୦ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ଯୁବତୀଯୁବକମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ବ୍ଲକ ବିଜୁ ଛାତ୍ର ଜନତା ସଭାପତି ଗୌତମ ରାଉତ, ଯୁବନେତା ଅନନ୍ତ ପ୍ରସାଦ ବାରିକ, ସହକାରୀ କୃଷି ଯନ୍ତ୍ରୀ ଶୁଭାଶିଷ ଦାସ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ସହାରୀ ନାରାୟଣ ଲେଙ୍କା ଓ ସବିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ପରେ ଅଧିକାରୀମାନେ ଦହିପୁର ଗ୍ରାମର ପ୍ରଶାନ୍ତ କୁମାର ନାୟକ ଓ ସୁରେନ୍ଦ୍ର ପ୍ରସାଦ ଦାସଙ୍କ ଦ୍ୱାରା ନିର୍ମିତ କ୍ଷେତ ପୋଖରୀ ବୁଲି ଦେଖିଥିଲେ।

## 'ସଂସ୍କୃତ ଭାଷା ଭାରତର ମୂଳଦୁଆ'

**ବାସୁଦେବପୁର, ୨୫।୮(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ବେତଡ଼ା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଧ୍ୟାତ୍ମିକ ପ୍ରବଚକ ବିରେନ୍ଦ୍ର ପଣ୍ଡା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଂସ୍କୃତ ହେଉଛି ଆଦି ଭାଷା। ସଂସ୍କୃତ ଭାଷାରୁ ବିଭିନ୍ନ ଭାଷାର ଉତ୍ପତ୍ତି ହୋଇଛି। ସଂସ୍କୃତ ଭାଷା ହିଁ ଭାରତର ମୂଳଦୁଆ। ଏହି ଭାଷା ପ୍ରତି ଆଗ୍ରହ ସୃଷ୍ଟି ହେବା ସହ ଛାତ୍ରୀଛାତ୍ର ଅଧିକରୁ ଅଧିକ ଏହାକୁ ଅଧ୍ୟୟନ କଲେ ଆଗାମୀ ପିଢ଼ି ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ସଂସ୍କୃତ ଦେବ ଭାଷା ହୋଇଥିବାରୁ ଏହା ଭାରତର ପ୍ରାଣ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ କବି ବନମାଳୀ ବାରିକ ଓ ଅଧାପକ ବେଣୁଧର ପରିଡ଼ା ଯୋଗ ଦେଇଥିଲେ। ଅଧକ୍ଷ ଚିତ୍ତରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଅଧାପକ ରାମଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପିକା କାନ୍ତାରାଣୀ ଦାସ ଅତିଥି ପରିଚୟ ଓ ଅଧାପକ ବ୍ରଜକିଶୋର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପିକା ମଞ୍ଜୁଳପ୍ରଭା ପଣ୍ଡା ବେଦପାଠ ଓ ସସ୍ମିତା ଦାସ ବିବରଣୀ ପାଠ କରିଥିଲେ। ସ୍ୱର୍ଣ୍ଣପ୍ରଭା ମହାପାତ୍ର ଧନ୍ୟବାଦ ଦେଇଥିଲେ। କର୍ମଚାରୀ ଜଗବନ୍ଧୁ ପଣ୍ଡା, ରମାକାନ୍ତ ଶଙ୍ଖୁଆ, ଚନ୍ଦ୍ରକାନ୍ତ ବେହେରା, ଭଗବାନ ଚନ୍ଦ୍ର ଲେଙ୍କା, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାପାଳଙ୍କ ସହ ଆଲୋଚନା କଲେ କଂଗ୍ରେସ ପ୍ରତିନିଧି ଦଳ


ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ କଂଗ୍ରେସ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

**ଭଦ୍ରକ ଅଫିସ, ୨୫।୮**

**ମୋଚି ଛକ-ଭଦ୍ରକାଳୀ ପୀଠ ରାସ୍ତାର ପୁନରୁଦ୍ଧାର ପ୍ରସଙ୍ଗ**

ଭଦ୍ରକ କଚେରି ବଜାର ମୋଚି ଛକଠାରୁ ଭଦ୍ରକାଳୀ ପୀଠ ପର୍ଯ୍ୟନ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାର ପୁନରୁଦ୍ଧାର ପ୍ରସଙ୍ଗରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଭଦ୍ରକ ବିଧାନସଭାସ୍ତରୀୟ ନେତା ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଆଲୋଚନା କରିଛନ୍ତି। ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠକୁ ଯାଇଥିବା ଏହିରାସ୍ତା ଖରାପ ଯୋଗୁ ବହୁଶ୍ରଦ୍ଧାଳୁ ମା'ଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଜବରଦଖଲ ଉଚ୍ଛେଦ କରି ଉକ୍ତ ରାସ୍ତାର ପୁନରୁଦ୍ଧାର ପାଇଁ ତୁରନ୍ତ ପ୍ରଶାସନ ପଦକ୍ଷେପ ନେଉ ବୋଲି କଂଗ୍ରେସ ନେତା ମହାନ୍ତି ଦାବି କରିଛନ୍ତି। ଉକ୍ତ ରାସ୍ତାର ପୁନରୁଦ୍ଧାର ଲାଗି ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ। ପୂର୍ବରୁ ଟେଣ୍ଡର ନେଇଥିବା ଠିକାଦାର ଉଚ୍ଚ ନ୍ୟାୟାଳୟରେ ଯେଉଁ ମାମଲା ରୁଜୁ କରିଥିଲେ, ତାହା ଖାରଜ ହୋଇସାରିଛି। ପୂର୍ବ ଟେଣ୍ଡର ବାତିଲ ହୋଇଛି ଓ ବର୍ଷାଦିନ ପରେ ନୂଆ ଟେଣ୍ଡର ଡକାଯିବ। ଜବରଦଖଲ ଉଚ୍ଛେଦ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନାତ୍ମକ ପନ୍ଥା ନ ଆପଣେଇ ପ୍ରଶାସନକୁ ସହଯୋଗ କରିବାକୁ ଜିଲାପାଳ କହିଛନ୍ତି। ନଗର କଂଗ୍ରେସ ସଭାପତି ଅବଦୁଲ ମୁକିତ ଖାନ, ବରିଷ୍ଠ ନେତା ଆଶ୍ରଫ ଅଲ୍ଲୀ ଖାନ, ରାଜନ ଲାହା, ବିଜୟ ବାରିକ, ଇଲ୍ଲୀୟାସ ଅଲ୍ଲୀ ଖାନ, ରଞ୍ଜନ ଯେନା, ସଂଗ୍ରାମ ସାହୁ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

## ଛାତ୍ରୀଙ୍କଠାରେ ପ୍ରେତାତ୍ମା ସବାର ନେଇ ଭିଡିଓ ଭାଇରାଲ

**ଖଇରା, ୨୫।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାରିଙ୍ଗିଆ ଗ୍ରାମର ନବମ ଶ୍ରେଣୀ ଛାତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କୁ ପୋଡି ମାରିଦିଆଯିବା ଘଟଣାର ୨୭ଦିନ ପରେ ହତ୍ୟାକାରୀ ଦୟାନିଧି ଜେନାଙ୍କୁ କୋର୍ଟଚାଲାଣ କରାଯାଇଥିଲା । ଏହି ଘଟଣାର ୧ମାସ ପରେ ଅର୍ଥାତ ବୁଧବାର ଗ୍ରାମର ଜଣେ କଲେଜ ଛାତ୍ରୀଙ୍କ ଦେହରେ ଜ୍ୟୋତ୍ସ୍ନାଙ୍କ ପ୍ରେତାତ୍ମା ସବାର ହେବା ଏବଂ ଛାତ୍ରୀ ଜଣକ ସେଦିନର ଘଟଣା ସମ୍ପର୍କରେ କାନ୍ଦି କାନ୍ଦି ଗ୍ରାମବାସୀଙ୍କ ଆଗରେ ବଖାଣିଛି। ଦୟାନିଧିଙ୍କ ସ୍ତ୍ରୀ ପ୍ରଥମେ ଜ୍ୟୋତ୍ସ୍ନାଙ୍କୁ ଘରକୁ ଡାକିଥିଲେ। ତାପରେ ଦୁହେଁ ତଣ୍ଟିଚିପି ମାରିବା ପରେ କିରୋସିନି ଢାଳି ପୋଡି ଦେଇଥିବା କହିଛନ୍ତି। ୧ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସେ କାନ୍ଦି ସବୁ ଘଟଣା କହିବା ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ବିପନ୍ନଙ୍କୁ ରିଲିଫ୍ ବଣ୍ଟନ

**ବାଲେଶ୍ୱର ଅଫିସ, ୨୫।୮**

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ବନ୍ୟା ବିପନ୍ନଙ୍କୁ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ କର୍ମଚାରୀ ସଂଘ ଭୁବନେଶ୍ୱର ତରଫରୁ ଏକ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ବାଲିଆପାଳ ନିକଟସ୍ଥ ବନ୍ୟା ପ୍ରପୀଡ଼ିତ ବିଭିନ୍ନ ଗ୍ରାମରେ ଏହି ରିଲିଫ ବଣ୍ଟନ କରାଯାଇଥିଲା। ବାଲେଶ୍ୱର ଷ୍ଟେଟ୍‌ବ୍ୟାଙ୍କ କର୍ମଚାରୀ ସଂଘର କ୍ଷେତ୍ରୀୟ ସମ୍ପାଦକ ପରମାନନ୍ଦ ଦେ ଏବଂ ଆଞ୍ଚଳିକ ସମ୍ପାଦକ ମାନସ କୁମାର ମହାପାତ୍ର ତତ୍ତ୍ୱାବଧାନ କରିବା ସହିତ ବାଲେଶ୍ୱର ଷ୍ଟେଟ୍‌ବ୍ୟାଙ୍କର ପ୍ରଫୁଲ୍ଲ କୁମାର ପଣ୍ଡା, ପଦ୍ମଲୋଚନ ନନ୍ଦୀ ଓ ନରେନ୍ଦ୍ର ବେହେରା ସହଯୋଗ କରିଥିଲେ। ବାଲିଆପାଳ ଅଞ୍ଚଳର ସେନା ଅବସରପ୍ରାପ୍ତ ରାଧାନାଥ ରାଉତ, ମୂରଲୀଧର ସାହୁ, କମଳଲୋଚନ ପିଳା ଏବଂ ଭୀମଚରଣ ବେହେରା ସହଯୋଗ କରିଥିଲେ।

# ମରଣଯନ୍ତା ସାଜିଛି କୋଳିପଦି କେନାଲ ରାସ୍ତା

**ଭଣ୍ଡାରିପୋଖରୀ, ୨୫।୮(ସ୍ୱ.ପ୍ର.)**




ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ନଂ. ଜାତୀୟ ରାଜପଥର ପାଳଦାବାଙ୍କଠାରୁ ଯାଜପୁର ଜିଲାକୁ ସଂଯୋଗ କରୁଛି କୋଳିପଦି କେନାଲ ରାସ୍ତା। ଏହି ରାସ୍ତା ଏବେ ମରଣଯନ୍ତା ସାଜିଛି। ରାସ୍ତା ସାରା ଖାଲଖମା ଭର୍ତ୍ତି ହୋଇଛି। ଏହି ରାସ୍ତା ଏକମାତ୍ର ସଂଯୋଗୀକରଣ ବାଇପାସ୍ ରାସ୍ତା ଭାବେ ବ୍ୟବହୃତ ହେଉଛି। ଭଦ୍ରକ ଓ ଯାଜପୁର ଜିଲାର ହଜାର ହଜାର ଜନସାଧାରଣ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ବିଭିନ୍ନ ଭାରି ଯାନ ମଧ ଚଳାଚଳ କରୁଛି। କେନାଲ ବନ୍ଧ ଉପରେ ଉକ୍ତ ରାସ୍ତା ନିର୍ମାଣ ହୋଇଥିବା ବେଳେ ଏହାକୁ ପୂର୍ତ୍ତ ବିଭାଗ ରାସ୍ତା ସହ ସଂଯୋଗ କରାଯାଇଛି। ପ୍ରତ୍ୟେକ ଦିନ ସାଇକେଲ ଓ ମୋଟର ସାଇକେଲରେ ଯାଉଥିବା ସ୍କୁଲ, କଲେଜ ଛାତ୍ରୀଛାତ୍ରୀ ହୁଅନ୍ତୁ କିମ୍ବା ଅଟୋ, ରିକ୍ସାରେ ଯାଉଥିବା ଯାତ୍ରୀ ସମସ୍ତେ ଏହି ସ୍ୱଳ୍ପ ରାସ୍ତା ଅତିକ୍ରମ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲ ଯୋଗୁ ଗାଡ଼ି ଓ ସାଇକେଲରୁ ଚାଳକ ପଡ଼ି ଆହତ ହେଉଛନ୍ତି। ଖାଲଗୁଡ଼ିକରେ ବର୍ଷାପାଣି ଜମିବା ଯୋଗୁ ଗାଡ଼ି ଚାଳକ ଦ୍ୱନ୍ଦ୍ୱରେ ପଡ଼ି ଯାଉଛନ୍ତି। ହେଲେ ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ୪ ବର୍ଷ ତଳେ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚରେ ରାସ୍ତା ମରାମତି କରାଯାଇଥିଲା। ଅଧାପନ୍ତରିଆ ଭାବେ କାମ ହୋଇଥିବାରୁ ରାସ୍ତାଟି ଶୀଘ୍ର ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହେଉଛି। ମାଳଦା, ରହଣିଆ, ସରସଦା, କୁରିଙ୍ଗା, ଷୋଳମପୁର, ନପଙ୍ଗ ଆଦି ୬ ପଞ୍ଚାୟତର ଲୋକେ ହଇରାଣ ହୋଇ ଏହି ରାସ୍ତାରେ ଯିବାଆସିବା କରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଶିକ୍ଷାବିତ୍ କାର୍ତ୍ତିକ ସ୍ୱାଇଁ, ମୁରଲୀଧର ଦାସ, ହରିହର ଜେନା, ସୀତାକାନ୍ତ ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା କହିଛନ୍ତି, କେନାଲ ରାସ୍ତାରେ ଦଶ ଟନ୍ ଓଜନରୁ ଅଧିକ ଯାନ ଚଳାଚଳ ଯୋଗୁ ଏଭଳି ଅବସ୍ଥା ହୋଇଛି। ତେବେ ଖୁବ୍‌ଶୀଘ୍ର ଏହାର ମରାମତି କରାଯିବ।

## ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ରୂପସା, ୨୫।୮(ଡି.ଏନ.ଏ.)**

ବାଲେଶ୍ୱର-ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ବୈଶିଙ୍ଗା ଥାନା ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ଦୀନବନ୍ଧୁ ହାଇସ୍କୁଲରେ ମଙ୍ଗଳବାର ମାଟ୍ରିକ ଓ ଯୁକ୍ତ ୨ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ନନ୍ଦକିଶୋର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପିଙ୍ଗୁାବଣିଆ ଗୁରୁକୁଳ ଆଶ୍ରମ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ ଓ ମୁଖ୍ୟବକ୍ତା ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ଯୋଗଦେଇ ପ୍ରକୃତ ବିଦ୍ୟା ହିଁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନିର୍ମାଣ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ନିରଞ୍ଜନ ବାରିକ, ପରିବେଶପ୍ରେମୀ ରବୀନ୍ଦ୍ର ବେହେରା, ପ୍ରଧାନଶିକ୍ଷକ ରାମକୃଷ୍ଣ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଓ ରାହାସ ବିହାରୀ ବାରିକ ସ୍ୱାଗତ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଯୁକ୍ତ ୨ ମହାବିଦ୍ୟାଳୟସ୍ତରୀୟ ଟପ୍ପରଙ୍କ ସମେତ ଆମ୍ବଗଡ଼ିଆ ପଞ୍ଚାୟତ ମାଟ୍ରିକ ଟପ୍ପର ପୂଜାରାଣୀ ନାୟକଙ୍କୁ ଅତିଥିମାନେ ମାନପତ୍ର, ମେଡ଼ାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ପରିସରରେ ଶିକ୍ଷକ ମଧୁସୂଦନ ପଣ୍ଡା, ଅଶୋକ କୁମାର ବାରିକ, ଅଜୟ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ପରିଷଦ ଦ୍ୱାରା ଚାରାରୋପଣ କରାଯାଇଥିଲା। ଶେଷରେ ସମ୍ପାଦକ କୂଳ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ବିଇଓଙ୍କ ବିରୋଧରେ ଶିକ୍ଷକ ମେଳି

**ଖୁଣ୍ଟା, ୨୫।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅତିରିକ୍ତ ଦାୟିତ୍ୱରେ ଥିବା ଗୋପବନ୍ଧୁ ନଗର ବ୍ଲକ ଶିକ୍ଷାଧିକାରୀ(ବିଇଓ) ଅଭିମନ୍ୟୁ ସେଠୀଙ୍କ ମେରୀରାୟ ନୀତି ବିରୋଧରେ ଶିକ୍ଷକମାନେ ଏକାଠି ହୋଇଛନ୍ତି। ପ୍ରତିବାଦ ସ୍ୱରୂପ ବିଭିନ୍ନ ଦାବି ନେଇ ସେମାନେ ଆନ୍ଦୋଳନ ପାଇଁ ସଜବାଜ ଚଳାଇଥିବା କହିଛନ୍ତି। ଖୁଣ୍ଟା ବ୍ଲକ ଶିକ୍ଷକ ସମନ୍ୱୟ କମିଟି ପକ୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦିଆଯାଉଥିବା ମାନସିକ ନିର୍ଯାତନା ଏବଂ ବିଇଓଙ୍କ କାର୍ଯ୍ୟକଳାପକୁ ତୀବ୍ର ବିରୋଧ କରାଯାଇଛି। ଏନେଇ ଓଡ଼ିଶା ବିଧାନସଭା ଅଭିଯୋଗ କମିଟି ସଭାପତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ମୟୂରଭଞ୍ଜ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୭ ଦିନ ମଧରେ ସମସ୍ୟା ସମାଧାନ ନ ହଲେ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିବେ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଇଓ ସେଠୀଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଭୁଲ ବୁଝାମଣାକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି।

## ସରିଲା ଶୁଣାଣି

**ବାରିପଦା ଅଫିସ, ୨୫।୮**

**ବାଲି ସଇରାତକୁ ନେଇ ଏନ୍‌ଜିଟିରେ ମାମଲା**

ମୟୂରଭଞ୍ଜ ଜିଲା ବୁଢ଼ାବଳଙ୍ଗ ନଦୀର ଆରପଟା ଓ ଡିଙ୍ଗିରା ସଇରାତରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଇଷ୍ଟର୍ଣ୍ଣ ବେଞ୍ଚ(ଏନ୍‌ଜିଟି) କୋଲକାତାଠାରେ ଚାଲିଥିବା ଦୁଇଟି ମାମଲାର ଶୁଣାଣି ଗୁରୁବାର ଶେଷ ହୋଇଛି। ୭ ଦିନ ମଧରେ ରାୟ ପ୍ରକାଶ ପାଇବ ବୋଲି ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶଙ୍କର ପ୍ରସାଦ ପାଣି କହିଛନ୍ତି। ମୟୂରଭଞ୍ଜ ଜିଲାପାଳ ଦାଖଲ କରିଥିବା ସତ୍ୟପାଠର ସମସ୍ତ ରିପୋର୍ଟକୁ ଭିତ୍ତିକରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି.ଅମିତ ସ୍ଥହେଲକାର ଓ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତା ଏହାର ବିଚାର କରି ରାୟ ସଂରକ୍ଷିତ ରଖିଛନ୍ତି। ଏନ୍‌ଜିଟି ଷ୍ଟାଣ୍ଡିଂ କମିଟିର ଅତିରିକ୍ତ ଅଧିକାରୀ ତାପସ କୁମାର ପ୍ରହରାଜ, ଆଇନଜୀବୀ ଦୀପାଞ୍ଜନ ଘୋଷ ପ୍ରମୁଖଙ୍କ ଘୋଷଙ୍କ ଉପସ୍ଥିତିରେ ଭର୍ଚୁଆଲ ମୋଡରେ ମାମଲାର ଶୁଣାଣି ଶେଷ ହୋଇଛି ।

# ଇପିଏଫ୍ ପେନ୍‌ସନ ବୃଦ୍ଧି ଦାବିରେ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୨୫।୮**

ବାଲେଶ୍ୱର ଆଇଟିଆଇ ଛକସ୍ଥିତ ସହକାରୀ ଇପିଏଫ୍ କମିଶନରଙ୍କ ଅଫିସ୍ ସମ୍ମୁଖରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏଶନ୍ ବାଲେଶ୍ୱର ଶାଖା ଆନୁକୂଲ୍ୟରେ ସରକାରୀ ଉଦ୍ୟୋଗ, ବେସରକାରୀ ପ୍ରତିଷ୍ଠାନ ଓ ଶିଳ୍ପାନୁଷ୍ଠାନରେ ଦୀର୍ଘବର୍ଷ କାର୍ଯ୍ୟ କରି ଚାକିରୀରୁ ଅବସର ନେଇ ଇପିଏଫ୍ ସଂସ୍ଥାରୁ ପେନସନ ପାଉଥିବା ବରିଷ୍ଠ ନାଗରିକମାନେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଯୋଗଦେଇ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ୍, ଅଧିକ ବେତନ ଆଧାରରେ ଅଧିକ ପେନସନ୍, ମହଙ୍ଗା ଭତ୍ତା ଓ ସରକାରୀ ସ୍ୱାସ୍ଥ୍ୟବୀମା ଯୋଜନା ଭଳି ବିଭିନ୍ନ ସରକାରୀ ସୁବିଧା ଇପିଏଫ୍ ପେନସନ୍‌ଭୋଗୀଙ୍କୁ ଲାଗୁ କରିବା ପାଇଁ ଦାବି କରିଥିଲେ। ବିକ୍ଷୋଭସ୍ଥଳରୁ ଏକ ପ୍ରତିନିଧି ଦଳ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହକାରୀ ଇପିଏଫ୍ କମିଶନର ଅରୁଣ ଚାଟାର୍ଜୀଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରିଥିଲେ।

ଆନ୍ଦୋଳନକାରୀମାନେ ଡିଆଇସି ଛକରୁ ଏକ ଶୋଭାଯାତ୍ରାରେ ବାହାରି ଇପିଏଫ୍ ସହକାରୀ କମିଶନରଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ପଥପ୍ରାନ୍ତ ସଭାରେ ଆସୋସିଏଶନ ରାଜ୍ୟ କମିଟି ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ଆଇଏନ୍‌ଟିୟୁସିର ଜିଲା ସଭାପତି ସୁରେଶ ଚନ୍ଦ୍ର ବେହେରା, ହିନ୍ଦ ମଜଦୁର ସଭାର ଜିଲା ସମ୍ପାଦକ ଅରୁଣ ସ୍ୱାଇଁ, ଏଆଇୟୁଟିୟୁସି ନେତା ରବୀନ୍ଦ୍ର ବେହେରା, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଉତ୍ତମ କୁମାର ଦାସ, ରେଳ କର୍ମଚାରୀ ଉମାକାନ୍ତ ଦାସ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସିଭିଲ୍ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଅବସରପ୍ରାପ୍ତ ପୌର କର୍ମଚାରୀ ବଂଶୀଧର ବେହେରା, ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘର କୋଷାଧକ୍ଷ ଭରତ ଚନ୍ଦ୍ର ସେଠୀ, ଆଇନଜୀବୀ ନିରଞ୍ଜନ ପରିଡ଼ା ପ୍ରମୁଖ ଇପିଏଫ୍ ପେନସନ୍‌ଭୋଗୀଙ୍କ ଦାବି ଓ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇ କେନ୍ଦ୍ର ସରକାର ସମାଜକୁ ସେବା ଯୋଗାଇ ଆସିଥିବା ଏହି ବରିଷ୍ଠ ନାଗରିକମାନଙ୍କ ଦାବିପ୍ରତି ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। ଇପିଏଫ୍ ଆସୋସିଏସନ୍‌ର ବାଲେଶ୍ୱର ଜିଲା ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତିଙ୍କ ସମେତ ଆନନ୍ଦ ଚନ୍ଦ୍ର ବେହେରା, ଭଦ୍ରକ ଜିଲା ସଭାପତି କୁଞ୍ଜ ବିହାରୀ ନାୟକ, ମୟୂରଭଞ୍ଜ ଜିଲା ଉପସଭାପତି ମଧୁସୂଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ନଭେମ୍ବର ୧୬ ତାରିଖରେ ଦେଶବ୍ୟାପୀ ପେନସନ୍‌ଭୋଗୀମାନେ କଳାଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ସହକାରୀ ଇପିଏଫ୍ କମିଶନରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

